୩

# ତହସିଲଦାରଙ୍କ କାର୍ଯ୍ୟାଳୟ , ପାଟଣାଗଡ

## ଇସ୍ତାହାର

ବିଜ୍ଞାପନ ସଂଖ୍ୟା : 3023
ତାରିଖ : 03.11.2020

### ଲଘୁଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଅଧିନସ୍ଥ ପାଟଣାଗଡ ତହସିଲ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ନଦୀ ବାଲି ଓ ପଥର ଗୁଡିକର ଆସନ୍ତା 5 ବର୍ଷ ନିମନ୍ତେ ସନ 2020-21 ଆର୍ଥିକ ବର୍ଷ ଠାରୁ 2024-25 ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ( ସଂଶୋଧନ ) 2016 ଆଇନ ଅନୁଯାୟୀ ଫର୍ମ – ନଂ M ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫଫା ଜରିଆରେ ତହସିଲଦାର , ପାଟଣାଗଡ ଠିକଣାରେ ତହସିଲ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ଆସନ୍ତା ତା : 04.11.2020 ରିଖ ଠାରୁ ତା : 10.11.2020 ରିଖ ସମୟ ଅପରାହ୍ନ 5.00 ଘଟିକା ପର୍ଯ୍ୟନ୍ତ ପକାଇପାରିବେ । ତହସିଲ କାର୍ଯ୍ୟାଳୟର ଟେଣ୍ଡର ବାକ୍ସ ତା : 12.11.2020 ରିଖ ଅପରାହ୍ନ 5.00 ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ସମୟ ଓ ତାରିଖ ଅତିବାହିତ ହେବ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ତନଖି ସମୟର ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଏହି ସାଇରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବସାଇଟ www. Balangir.nic.in ରେ ଉପଲବ୍ଧ ଅଟେ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ ( ଗୋଟିଏ ଲଫାଫାରେ )**

୧. ଦରଖାସ୍ତ ଫିଜ ବାବଦକୁ ଟ. 1000 /- ଏକ ହଜାର ଟଙ୍କାର ଟ୍ରେଜେରୀ ଚାଲାଣ ନିମ୍ନ ହେଡରେ ପ୍ରଦାନ କରିବେ ( Head of Account -0853 Non Ferrous mining & Metallurgical Industries- 102- Mineral Concession fees rent and royalties)

୨. ସଇରାତ ଉତ୍ସ ବାବଦକୁ କୌଣସି ବକେୟା ଦେୟ ନଥିବା ସମ୍ବନ୍ଧରେ ସତ୍ୟପାଠ ପ୍ରଦାନ କରିବେ ।

୩. ଆବେଦନକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦକୁ ବର୍ଷକୁ ୫% ହାରରେ ସ୍ଥିରୀକୃତ ହୋଇଥିବା ବାଲି/ପଥର ପରିମାଣ ଉପରେ ଅମାନତ ରାଶି ( Earnest Money ) ଦେୟ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପଇଠ କରିବେ ।

୪. **Rule 27 (IV) of OMMC, Rule 2016** ମୁତାବକ 18 ମାସ ପର୍ଯ୍ୟନ୍ତ ଅବଧି ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ( ଦରଖାସ୍ତକାରୀଙ୍କ ନିଜ ନାମରେ ଥିବା ଉଚିତ ) ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ପ୍ରଦାନ କରୁଥିବା ଅତିରିକ୍ତ ଦେୟ Additional Charges ମୂଲ୍ୟ ଠାରୁ କମ ହୋଇଥିବା ଏବଂ ଏଥି ସହିତ ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।

୫. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ସରଜମିନ ପରିଦର୍ଶନ କରି ସଂଲଗ୍ନ କରିବେ ।

୬. ସର୍ବୋଚ୍ଚ ନିଲାମ ଡକାଳି ( Successful Bidder) Mining Plan and Environmental Clearance ବାବଦକୁ ଦେୟ ପଇଠ କରିବେ ।

ତହସିଲଦାର , ପାଟଣାଗଡ

| କ୍ର : ନଂ | ସାଇରାତ ଉପର ନାମ ଏବଂ କେଶ ନଂ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (in Ac) | କିସମ | ଲଘୁ ଖଣିଜ ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ ଟଙ୍କାରେ | ଅତିରିକ୍ତ ଦେୟ ଟଙ୍କାରେ | **M .GQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲି/ପଥର ର ପରିମାଣ** | **Bank Guarantee ( not less than of rupees)** | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money) ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| 1 | | ଗୁହିରାମୁଣ୍ଡା(A) | 68 | 13 | Ac.3.00 | Pathar Chatan | Stone | 130.00 | 8.00 | 2200 | 3,03,600/- | 15,180/- |
| 2 | | ଧୁବଲପଡା | 155 | 112 | Ac.10.00 | Nadi | Sand | 35.00 | 4.00 | 2000.4 | 78,016/- | 3,901/- |

ତହସିଲଦାର , ପାଟଣାଗଡ

ପରିପତ୍ର ସଂଖ୍ୟା 3024 ତାରିଖ 03.11.2020

ଏହାର ଏକକିତା ନକଲ ଜିଲ୍ଲାପାଳ , ବଲାଙ୍ଗିର / ଉପ-ଜିଲ୍ଲାପାଳ, ପାଟଣାଗଡ / କାର୍ଯ୍ୟ ନିର୍ବାହୀ ଅଧିକାରୀ , ବିଜ୍ଞାପିତ ଅଞ୍ଚଳ , ପାଟଣାଗଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ , ପାଟଣାଗଡ ଙ୍କ ଅବଗତି ତଥା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ତଥା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ପାଟଣାଗଡ ନୋଟିକ ବୋର୍ଡରେ ସର୍ବସାଧାରଣ ଅବଗତି ନିମନ୍ତେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ D.I.O, NIC, କିଲଟରୀ , ବଲାଙ୍ଗିର କୁ ଜିଲ୍ଲା ୱେବସାଇଟ ରେ ଅପଲୋଡ କରିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର , ପାଟଣାଗଡ